# ମଣ୍ଡିରେ ଧାନକ୍ରୟ ପ୍ରକ୍ରିୟାରୁ ବାଦ୍ ପଡ଼ିବେ ମହିଳା ଏସ୍ଏଚ୍ଜି!

ଜୟପୁର,୧୮ ।୧୨(ସମିସ) : ରାଜ୍ୟରେ ଚାଷୀଙ୍କ ଦ୍ୱାରା ଅମଳ ଧାନ କ୍ରୟ ନିମନ୍ତେ ସମବାୟ ସଂସ୍ଥା ଭାବେ ଲ୍ୟାମ୍ପ୍ସ, ପାଣି ପଞ୍ଚାୟତ ଏବଂ ମହିଳା ସ୍ୱୟଂ ସହାୟକ ଗ୍ରୁପ୍‌ଙ୍କୁ ନିଯୁକ୍ତି ଦିଆଯାଉଛି। କିନ୍ତୁ ଚଳିତ ବର୍ଷ ସରକାରଙ୍କ ନୂଆ ଗାଇଡ୍ ଲାଇନ୍‌କୁ କଡ଼ାକଡି ପାଳନ ନେଇ ନିଷ୍ପତି କରାଯାଇଛି। ଏଥିରେ ମୁଖ୍ୟତଃ ମହିଳା ଏସ୍ଏଚ୍‌ଜି ମାନେ ଏହି ଗାଇଡ୍‌ଲାଇନ ୨୪ଟି ନିୟମାବଳୀ ଅନୁଯାୟୀ କଡାକଡି ପାଳନ କରିବା ନେଇ କଡ଼ା ନିର୍ଦ୍ଦେଶ ରହିଛି। ଏହି ସମସ୍ତ ନିୟମକୁ ପାଳନ କରିବା କୌଣସି ମହିଳା ଏସ୍ଏଚ୍‌ଜି ପକ୍ଷରେ ସମ୍ଭବ ନୁହେଁ ବୋଲି କୁହାଯାଉଛି। ତେଣୁ ପରୋକ୍ଷରେ ମହିଳା ଏସଏଚଜି ମାନେ ଚଳିତ ବର୍ଷ ଧାନ କ୍ରୟ ପ୍ରକ୍ରିୟାରେ ସାମିଲ ହେବା ନେଇ ଅନିଶ୍ଚିତା ଦେଖାଦେଇଛି। ଏହିପରି ବର୍ତ୍ତମାନ ଚାଷୀ ମାନଙ୍କ ଧାନ ବିକ୍ରି ମଣ୍ଡି ଅନୁଯାୟୀ କ୍ରୟକାରୀ ସଂସ୍ଥା ଲ୍ୟାମ୍ପ୍ସ, ମହିଳା ଏସ୍ଏଚ୍‌ଜି ଏବଂ ପାଣି ପଞ୍ଚାୟତରେ ନାମ ପଞ୍ଜିକରଣ କରିଥିଲେ। ଏହିପରି ଜମିକୁ ଚିହ୍ନଟ ନିମନ୍ତେ ସାଟେଲାଇଟ ଯାଞ୍ଚ ଏବଂ ସନ୍ଦେହଜନକ ପରିସ୍ଥିତିରେ ନିଯୁକ୍ତ କ୍ରୟକାରୀ ସଂସ୍ଥା ପକ୍ଷରୁ ଜମିରେ ପହଞ୍ଚି ଜିପିଆରଏସ ମାଧ୍ୟମରେ ଜମିର ଫୋଟ ଉତ୍ତୋଳନ କରାଯାଇ ଅପ୍‌ଲୋଡ କରାଯାଇଥିଲା। କିନ୍ତୁ ବର୍ତ୍ତମାନ ଚାଷୀ ମାନଙ୍କ ଅନ୍ତିମ ପଞ୍ଜିକରଣ କାୟମ ରହିବା ଏବଂ ଟୋକେନ ପ୍ରଦାନ ସମୟରେ କୋରାପୁଟ ଜିଲ୍ଲାରେ ନିଯୁକ୍ତ ୨୪ ଧାନ କ୍ରୟକାରୀ ମହିଳା ଏସଏଚଜି ମାନଙ୍କ ୱେବସାଇଟରେ କୌଣସି ଡାଟା ଖୋଲୁନଥିବା ବେଳେ ସମସ୍ତ ୨୪ଟି ମହିଳା ଏସଏଚଜିର ସମସ୍ତ ଡାଟା ଗୁଡିକକୁ ଉକ୍ତ ବ୍ଲକର କିମ୍ବା ନିକଟସ୍ଥ କ୍ରୟକାରୀ ସଂସ୍ଥା ଲ୍ୟାପ୍ସକୁ ବଦଳ କରାଯାଇଛି। ଫଳରେ ୭ଟି ଲ୍ୟାମ୍ପ୍ସ ଗୁଡିକ ପକ୍ଷରୁ ପଞ୍ଜିକୃତ ଚାଷୀ ଏବଂ ୨୪ ମହିଳା ଏସଏଚଜିଙ୍କ ଦ୍ୱାରା ପଞ୍ଜିକୃତ ଚାଷୀଙ୍କ ସଂଖ୍ୟା ପରିବର୍ତ୍ତନ ପରେ ଏହି ସଂଖ୍ୟା ବୃଦ୍ଧି ପାଇଛି। ଏଥିରେ ଜୟପୁର ବ୍ଲକ ଉମୁରୀ ଲ୍ୟାମ୍ପ୍ସ ପକ୍ଷରୁ ୩୭୭୦ ପଞ୍ଜିକୃତ କରାଯାଇଥିବା ବେଳେ ୨ଟି ଏସଏଚଜିର ୬୮୪ ଚାଷୀଙ୍କ ଲ୍ୟାମ୍ପ୍ସକୁ ପରିବର୍ତ୍ତନ ପରେ ବର୍ତ୍ତମାନ ଉମୁରୀ ଲ୍ୟାମ୍ପ୍ସ ପକ୍ଷରୁ ସମୁଦାୟ ୪୪୫୪ ଜଣ ଚାଷୀଙ୍କ ଧାନ କ୍ରୟ କରାଯିବ। ସେହିପରି ଜୟପୁର ବ୍ଲକ କୁମୁଲିପୁଟ ଲ୍ୟାମ୍ପ୍ସକୁ ୨ ଏସଏଚଜିର ୧୦୪୮ଜଣ ପଞ୍ଜିକୃତ ଚାଷୀଙ୍କ ଡାଟା ପରିବର୍ତ୍ତନ ପରେ ଉକ୍ତ ଲ୍ୟାମ୍ପ୍ସରେ ସମୁଦାୟ ୩୪୧୬ ଜଣ ଚାଷୀ। କୁନ୍ଦୁରା ଲ୍ୟାମ୍ପ୍ସକୁ ୩ଟି ମହିଳା ଏସଏଚଜିଙ୍କର ୧୫୧୮ଜଣ ଚାଷୀଙ୍କ ଡାଟା ପରିବର୍ତ୍ତନ ପରେ ଏହାର ସଂଖ୍ୟା ୫୭୪୫ଜଣ ଚାଷୀ ହୋଇଛନ୍ତି। କାମତା ଲ୍ୟାମ୍ପକୁ ୮ଟି ଏସଏଚଜିର ୨୯୧୯ ଚାଷୀଙ୍କ ଡାଟା ପରିବର୍ତ୍ତନ ପରେ ଏହାର ସଂଖ୍ୟା ୪୮୭୦ରେ ପହଞ୍ଚିଛି। କୋଟପାଡ ଲ୍ୟାମ୍ପ୍ସକୁ ୪ଟି ଏସଏଚଜିର ୧୭୦୩ଜଣ ଚାଷୀଙ୍କ ପରିବର୍ତ୍ତନ ପରେ ଉକ୍ତ ଲ୍ୟାମ୍ପ୍ସର ପଞ୍ଜିକୃତ ଚାଷୀଙ୍କ ସଂଖ୍ୟା ବୃଦ୍ଧି ହୋଇଛି। ବୋରିଗୁମ୍ମା ଲ୍ୟାମ୍ପ୍ସରେ ସ୍ଥାନୀୟ ଅଞ୍ଚଳର ୪ଟି ଏସଏସଜିର ସମୁଦାୟ ୨୧୫୮ଜଣ ଚାଷୀଙ୍କ ନାମକୁ ପରିବର୍ତ୍ତନ କରିବା ପରେ ଏହାର ସଂଖ୍ୟା ୫୫୦୦ରେ ପହଞ୍ଚି ସେହିପରି ବୈପାରୀଗୁଡା ଲ୍ୟାମ୍ପ୍ସକୁ ସ୍ଥାନୀୟ ଗୋଟିଏ ଏସଏଚଜିର ୭୩୩ଜଣ ଚାଷୀଙ୍କ ଡାଟା ପରିବର୍ତ୍ତନ ପରେ ଏହାର ସଂଖ୍ୟା ଲ୍ୟାମ୍ପ୍ସ ପକ୍ଷରୁ ସମୁଦାୟ ୫୧୭୩ଜଣ ଚାଷୀଙ୍କୁ ଟୋକେନ ପ୍ରଦାନ ସହିତ ଧାନ କ୍ରୟ କରାଯିବ। ସୂଚନାଯୋଗ୍ୟ, ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ଆକ୍ରୋଶମୂଳକ ଭାବେ ଏସଏଚଜି ମାନଙ୍କୁ ଧାନମଣ୍ଡି କ୍ରୟ ପ୍ରକ୍ରିୟାରୁ ବାଦ ଦେବାକୁ ଷଡଯନ୍ତ୍ର କରୁଛନ୍ତି ବୋଲି ମହାସଂଘ ପକ୍ଷରୁ ଅଭିଯୋଗ ନେଇ ଗତ ସୋମବାର ସପ୍ତାହରେ ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହିପରି ରାଜ୍ୟରେ ଧାନ ମଣ୍ଡିରେ ସରକାରଙ୍କ ପକ୍ଷରୁ ଚାଷୀଙ୍କ ଅମଳ ଧାନକୁ ମହିଳା ଏସଏଚଜି ଜରିଆରେ ଗତ ୨୦୧୯ ମସିହା ଠାରୁ ତତ୍କାଳୀନ ରାଜ୍ୟ ସରକାରଙ୍କ ମହିଳା ସଶକ୍ତିକରଣ ଏବଂ ଆତ୍ମନିର୍ଭରଶୀଳ ଯୋଜନା ମାଧ୍ୟମରେ ଆର୍ଥିକ ବିକାଶ ନିମନ୍ତେ ଉଭୟ ଖରିଫ ଓ ରବିଧାନ ମଣ୍ଡିରେ ଧାନକ୍ରୟ ପ୍ରକ୍ରିୟାରେ ସାମିଲ କରାଯାଇଥିଲା। ଏଥିରେ ସମୁଦାୟ କ୍ରୟ ଟଙ୍କାର ୧ ପ୍ରତିଶତ ଟଙ୍କା ମହିଳା ଏସଏଚଜିଙ୍କୁ ପାରିଶ୍ରମିକ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ପ୍ରଦାନ କରାଯାଉଥିଲା।

## କମୁଗଣ୍ଡା-ତୁରୁକୁ ରାସ୍ତା କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ



ବନ୍ଧୁଗାଁ,୧୮ ।୧୨(ସମିସ): ଦୀର୍ଘ ଦିନର ଦାବି ପରେ କମୁଗଣ୍ଡା ଠାରୁ ତୁରୁକ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହେବ। ବୁଧବାର ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ରାସ୍ତା କାର୍ଯ୍ୟର ଭିତ୍ତିପ୍ରସ୍ତର କରିବା ପରେ ଲୋକଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି। ବନ୍ଧୁଗାଁ ବ୍ଲକ କମୁଗୋଣ୍ଡା ପଞ୍ଚାୟତର ଆନ୍ଧ୍ର ସୀମାନ୍ତ ଅଞ୍ଚଳକୁ ଲାଗି ଥିବା ଟାଙ୍କୁ, ଫୁଲଗୁମି, ସିଙ୍ଗାଝୋଲା, ଜାଡବା ଓ କଡିଙ୍ଗିବାଲସା ଗ୍ରାମବାସୀ ମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ପ୍ରାୟ ୧୨ କିମି ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ଠିକାଦାର ମନୋଜ ନାୟକଙ୍କ ଦ୍ୱାରା ଏହା ନିର୍ମାଣ ହେବ ବୋଲି ଜଣାପଡିଛି। ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା ଓ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ମିଣ୍ୟାକାଙ୍କ ଉପସ୍ଥିତରେ ବିଧାୟକ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ବର୍ତ୍ତମାନ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ବ୍ରିଜ ଗୁଡିକ ପ୍ରଥମେ ନିର୍ମାଣ କରିବା ପାଇଁ କୁହାଯାଇଛି। ରାସ୍ତା ନିର୍ମାଣ ହେଲେ ଟାଙ୍କୁ, ତୁରୁକୁ, ସିଙ୍ଗାଝଲା ଓ ଜାଡବା ଗ୍ରାମବାସୀ ଉପକୃତ ହେବେ । କିନ୍ତୁ ମୁଖ୍ୟ ରାସ୍ତାରୁ ଫୁଲଗୁମି ପ୍ରାୟ ୩ କିମି ଓ କଡିଙ୍ଗିବାଲସା ୧ କିମି ଦୂରରେ ରାସ୍ତା ନ ଥିବାରୁ ସେମାନେ ସମସ୍ୟାରେ ରହିବେ,ଏହି ଦୁଇ ଖଣ୍ଡ ଗ୍ରାମକୁ ଏନବିସିସି ରାସ୍ତା ନିର୍ମାଣ କରିଥିଲେ ମଧ୍ୟ ସମ୍ପୂର୍ଣ ନଷ୍ଟ ହୋଇ ଯାଇଛି। ଆଜି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ବିଧାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଓ ବ୍ଲକ ଅଧ୍ୟକ୍ଷାଙ୍କ ଉପସ୍ଥିତିରେ ସବୁ ଗାଁରୁ ବୁଢ଼ାବୁଢ଼ୀ ଯୁବକ ଯୁବତୀ ଉପସ୍ଥିତ ରହି ଢେମ୍‌ସା ନାଚ ସହ ପୁଷ୍ପମାଲ୍ୟ ଓ ଉପଢୌକନ ଦେଇ ପାଛୋଟି ନେଇଥିଲେ। ପରେ ବିଧାୟକ ଉପସ୍ଥିତ ଲୋକଙ୍କ ଠାରୁ ଅଭିଯୋଗ ଗୁଡିକ ଶୁଣି ଆଲୋଚନା କରିଥିଲେ।

# ଜୁନିୟର ରେଡ୍‌କ୍ରସ ତାଲିମ ଶିବିର ଶୁଭାରମ୍ଭ



କୋଷାଗୁମୁଡା,୧୮ ।୧୨(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ସ୍ଥିତ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଜିଲ୍ଲାର ୫ଶହରୁ ଅଧିକ ପ୍ରତିଯୋଗୀ ଓ ଶିକ୍ଷକଙ୍କୁ ନେଇ ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ଅଷ୍ଟମ ଜିଲ୍ଲାସ୍ତରୀୟ ଜୁନିୟର ରେଡକ୍ରସ ତଥା ତାଲିମ ଶିବିର ଶୁଭାରମ୍ଭ ହୋଇଛି। ଛାତ୍ରଛାତ୍ରୀ ମାନେ ତାଲିମ ନେବା ସହ ବକ୍ତୃତା, ପ୍ରବନ୍ଧ, ରଙ୍ଗୋଲି, ଚିତ୍ରାଙ୍କନ, ସମୂହ ନୃତ୍ୟ, ସାମୁହିକ ସଙ୍ଗୀତ ପରିବେଷଣ, ପ୍ରାଥମିକ ଚିକିତ୍ସା ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରଛାତ୍ରୀ ବିଦ୍ୟାଳୟ ପାଇଁ ଓ ନିଜ ଗାଁର ଗୌରବ ଆଣିବା ସହ ସମାଜ କଲ୍ୟାଣ ଦିଗରେ ନିଜକୁ ସାମିଲ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। କୃତି ଛାତ୍ର ଛାତ୍ରୀ ସମସ୍ତେ ଆସନ୍ତା ଭୁବନେଶ୍ୱର ଠାରେ ହେବାକୁ ଥିବା ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ଭାଗ ନେବେ । ଏହି ପରିପ୍ରେକ୍ଷୀରେ ଅଷ୍ଟମ ଜିଲ୍ଲା ସ୍ତରୀୟ ଜୁନିୟର ରେଡ଼କ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ସଭାପତି ଭାବେ ଛତ୍ରପତି ସାହୁ, ଜିଲ୍ଲା ଶିକ୍ଷାଧିକାରୀ, ନବରଙ୍ଗପୁର , ମୁଖ୍ୟ ଅତିଥି ବିଧାୟକ ଡାବୁଗାଁ, ମନୋହର ରନ୍ଧାରୀ ,ସମ୍ମାନିତ ଅତିଥି କୁଞ୍ଜ ବିହାରୀ ଦାଶ, ମନ୍ତ୍ରୀ ପ୍ରତନିଧି ସୁରେଶ ପାତ୍ର, ସାଂସଦ ପ୍ରତିନିଧି, ଲୋକସଭା ବଦ୍ରି ନାରାୟଣ ସିଂ, ସାଂସଦ ପ୍ରତିନିଧି, ରାଜ୍ୟସଭା ସର୍ବେଶ୍ୱରୀ ମାଝୀ ବ୍ଲକ ଚେୟାରମ୍ୟାନ ,ବିଡ଼ିଓ ଆଶିଷ ତ୍ରିପାଠୀ ,ବିଇଓ ସମରେନ୍ଦ୍ର ଭୌମିକ, ଲକ୍ଷ୍ମଣ ପୂଜାରୀ, ତ୍ରିଲୋଚନ ଧାକଡ଼ ସମିତି ସଭ୍ୟ , ଆୟୋଜକ ମହାବିଦ୍ୟାଳୟ ଅଧକ୍ଷ କୋଷାଗୁମୁଡା ପବିତ୍ର ହାଲଦାର ,ରେଡ଼କ୍ରସ ସମ୍ପାଦକ ପ୍ରଭାତ ପଟ୍ଟନାୟକ,ଜିଲ୍ଲା ରେଡ଼କ୍ରସ ଅଧିକାରୀପ ପ୍ରକାଶିନୀ ଚୌଧୁରୀ ପ୍ରମୁଖ ମଞ୍ଚାସୀନ ହୋଇଥଲେ। ମଞ୍ଚ ପରିଚାଳନା ନଳିନୀକାନ୍ତ ପାତ୍ର କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ୧୦ ବ୍ଲକରୁ ପ୍ରାୟ ୫ଶହ ଛାତ୍ର ଛାତ୍ରୀ ଭାଗ ନେଇଥିବା ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ କହିଛନ୍ତି।

## ବୁଲେଟ ଧକ୍କାରେ ଆହତ ଯୁବକଙ୍କ ମୃତ୍ୟୁ

କୋରାପୁଟ,୧୮ ।୧୨(ସମିସ): କୋରାପୁଟ ସୁନାବେଡ଼ା ୨୬ ନଂ ଜାତୀୟ ରାଜପଥର ଡୁମୁରିପୁଟ ଛକରେ ବୁଧବାର ସନ୍ଧ୍ୟାରେ ବୁଲେଟ ଧକ୍କାରେ ଆହତ ଯୁବକଙ୍କ ବିଳମ୍ବିତ ରାତିରେ ମୃତ୍ୟୁ ହୋଇଛି। ମୃତକ ଜଣକ ଦାମନଯୋଡ଼ି ନିକଟ ଚାରାଙ୍ଗୁଲ ପଞ୍ଚାୟତ ମାଛଲିଗୁଡ଼ା ଗ୍ରାମର ରାମଚନ୍ଦ୍ର କେଣ୍ଡାରି (୩୬) ବୋଲି ଜଣାପଡିଛି। ବୁଧବାର ସନ୍ଧ୍ୟାରେ ମୃତ ଯୁବକ ଡୁମୁରିପୁଟ ଛକରେ ରାସ୍ତା ପାର ହେଉଥିବା ବେଳେ ଦ୍ରୁତଗତିରେ ଆସୁଥିବା ଓଡି ୧୦ ଆର ୧୨୩୧ ନମ୍ବର ବୁଲେଟ ମୋଟର ସାଇକଲ୍ ତାଙ୍କୁ ଧକ୍କା ଦେଇଥିଲା। ରାମ ଚନ୍ଦ୍ର କେଣ୍ଡାରୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଲୋକେ ଓ ଡୁମୁରିପୁଟ ଫାଣ୍ଡି ପୁଲିସ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍‌ପିଟାଲରେ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତକଙ୍କ ଭାଇର ଅଭିଯୋଗ କ୍ରମେ କୋରାପୁଟ ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଡୁମୁରିପୁଟ ଫାଣ୍ଡି ଅଧିକାରୀ କୃଷ୍ଣଚନ୍ଦ୍ର ମିଶ୍ର ଏହାର ତଦନ୍ତ କରୁଛନ୍ତି। ବୁଲେଟ ଚାଳକ ଥାନାରେ ଅଟକ ରହିଛି।

## ସ୍ୱଦେଶୀ ଶପଥପାଠ ସମାରୋହ



ସେମିଳିଗୁଡ଼ା,୧୮ ।୧୨ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ଆତ୍ମନିର୍ଭର ଭାରତ ଅଭିଯାନ ଏବଂ ମେଳା ପାଳନ ଅବସରରେ ସ୍ୱଦେଶୀ ସଂକଳ୍ପ ପତ୍ର ପାଠ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଝାନ୍‌ସି ସିଂହଙ୍କ ଅଧ୍ୟକ୍ଷତାରେ ଓ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ.ରମେଶ କୁମାର ମଲ୍ଲିକ ଓ ସ୍ନିଗଧା ପଟ୍ଟନାୟକଙ୍କ ମିଳିତ ସହଯୋଗରେ ଏହି ଶପଥ ପାଠ ଉତ୍ସବ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକାଙ୍କ ସମେତ ବହୁ ଛାତ୍ରଛାତ୍ରୀ ମହାବିଦ୍ୟାଳୟର ପରିସରରେ ଦୈନନ୍ଦିନ ଜୀବନରେ, ଘରେ, କାର୍ଯ୍ୟକ୍ଷେତ୍ରରେ ଭାରତୀୟ ଉତ୍ପାଦ, ଅନ୍ୟ ଦେଶରୁ ଆମଦାନୀ ହେଉଥିବା ବସ୍ତୁ ପ୍ରତିବଦଳରେ ଦେଶୀୟ ବସ୍ତୁ, କୃଷକ ତଥା ସ୍ୱଦେଶୀ କାରିଗରଙ୍କ ଦ୍ୱାରା ନିର୍ମିତ ସ୍ଥାନୀୟ ଉତ୍ପାଦକୁ ପ୍ରାଥମିକତା ଦେବା, ଯୁବପୀଢି ଏବଂ ନୂତନ ପୀଢିଙ୍କୁ ଉତ୍ସାହିତ କରି ଆତ୍ମନିର୍ଭର ହେବା ନିମନ୍ତେ ଶପଥ ଗ୍ରହଣ କରିଛନ୍ତି। ଉକ୍ତ ସଂକଳ୍ପ ପତ୍ର ପାଠ ଉତ୍ସବରେ ବରିଷ୍ଠ ଅଧ୍ୟାପକ ଦେବରାଜ ନାୟକ, ଡ.ଶୁଭ୍ରାଂଶୁ ସୁନ୍ଦର ଦାସ, ହରପ୍ରସାଦ ପତି, ଡ. ବିଦ୍ୟୁତପ୍ରଭା ରାଉତ, ଶ୍ରୀ ଶିବାଶିଷ ପଟ୍ଟନାୟକ, ରତ୍ନମଣି କାହଁର, ଭାଗିରଥି ରାଉତ, ରୋନାଲି ନାୟକ, ବାସନ୍ତୀ ପଟ୍ଟନାୟକ, ପ୍ରେମାନନ୍ଦ ରାଉତ,ବିନୋଦ ଲେଙ୍କା ସମେତ ଜାତୀୟ ସେବା ଯୋଜନର ସ୍ୱେଚ୍ଛାସେବୀ ଅଭି ହନ୍ତାଳ, ତ୍ରିପତି ଶାକିଆ, ଖୋରା ନରେଶ, ଲମ୍ବୋଦର ହନ୍ତାଳ, ଜଗନ୍ନାଥ ମୁଦୁଲି, କସ୍ତୁରୀ ତାଲାବ, ଜନିତା ଗୁଣ୍ଡା , ଲକ୍ଷ୍ମୀ ମାଝୀ, ଗାୟତ୍ରୀ ଶବର, ସଂଜିତା ଖିଲ ଓ କାଜଲ ଜେନା ପ୍ରମୁଖ ସ୍ୱେଚ୍ଛାସେବୀ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

# ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




ବନ୍ଧୁଗାଁ,୧୮ ।୧୨(ସମିସ): ବନ୍ଧୁଗାଁ ବ୍ଲକ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା ଓ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ମିଣ୍ୟାକା, ଉପାଧ୍ୟକ୍ଷା ଗୀତାଞ୍ଜଳୀ ପିଡିକା, ବିଡ଼ିଓ ମିନତୀ ଜଗଦେବ , ବିଜେଡି ବ୍ଲକ ସଭାପତି ବାଲା ନାଗ, ପୂର୍ବତନ ବିଜେପି ଜିଲ୍ଲା ଉପ ସଭାପତି ଶରତ ପାତ୍ର, ସରପଞ୍ଚ ଲକ୍ଷ୍ମୀ କାଡ୍ରାକା, ଗୌରୀ ମେଲେକା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଦନ ମୁଦୁଲି, ଜିଲ୍ଲା ଶିକ୍ଷକ ସଂଘର ଉପ ସମ୍ପାଦକ ସଞ୍ଜୟ କୁମାର ସିଂ, ପୂର୍ବତନ ପ୍ରଧାନ ଶିକ୍ଷକ ଗୋବର୍ଦ୍ଧନ ସାହୁ, ସମିତି ସଭ୍ୟ କିଶୋର ରାଉତ, ସିନାଜି ପିଡ଼ିକା ଓ ବିଦ୍ୟାଳୟର ସଭାପତି ବି ମୋହେଶ ପ୍ରମୁଖ ଉପସ୍ଥିତ ରହିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଚୌଧୁରୀଙ୍କ ଦ୍ୱାରା ବିଦ୍ୟାଳୟର ୪୮ ତମ ବାର୍ଷିକ ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ୧୯୭୭ ମସିହା ଜୁଲାଇ ୭ ତାରିଖ ଦିନ ଜଗନ୍ନାଥ ପଟ୍ଟନାୟକଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା। ଅତିଥି ମାନେ ନିଜ ଅଭିଭାଷଣ ମାଧ୍ୟମରେ ବିଦ୍ୟାଳୟର ସାମାଜିକ ଦାୟିତ୍ୱ ନେଇ ପ୍ରତି ବର୍ଷ ଲଗାତାର ସଫଳତା ଓ ଉନ୍ନତି ମୂଳକ ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିଥିଲେ। ଉତ୍ସବ ଅବସରରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ୫୦ରୁ ଅଧିକ ଦଳୀୟ ନୃତ୍ୟ, ବ୍ୟକ୍ତିଗତ ନୃତ୍ୟ ପରିବେଷଣ କରାଯାଇଥିଲା। କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ବାର୍ଷିକ ଉତ୍ସବକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ମଧୁସୂଦନ ବଡନାଇକ, ବାସୁ ଖରା, ପୁଷ୍ପାସିନି ମହାନ୍ତି, ୟୁ ରାଇଡୁ, ଜି ଶ୍ରୀକାନ୍ତ, ମନୋଜ ମେହେର, ପି ସନ୍ତୋଷ, କେ ଏଲ ମହାପାତ୍ର, ଟି ଚୂଳଚନ୍ଦ୍ର, ସୀମା କିର୍ଷାନି , ଭାର୍ଗବୀ ମହାରଣା , ନାଗ ଭୂଷଣ ଜନିୟିକା, ଚନ୍ଦନ ନାୟକ, ରେବତୀ କୁମାରୀ, ଆଦିତ୍ୟ ସାହୁ , ଦିବାକର ସାହୁ, ରମେଶ ନାୟକ, ସୁନନ୍ଦା ସେନାପତି, କେ ଲିପଶା ଦୋରା, ପ୍ରଣତି ମିଶ୍ର, ସୁମିତ ବାରିକ ସହିତ ପ୍ରଶାନ୍ତ ମହାନ୍ତି ଉପସ୍ଥିତ ରହି ପରିଚାଳନା କରିଥିଲେ।

## ଟ୍ରାକ୍ଟର-ବାଇକ୍ ମୁହାଁମୁହିଁ, ଜଣେ ଗୁରୁତର

ନନ୍ଦପୁର,୧୮ ।୧୨ (ସମିସ): ଟ୍ରାକ୍ଟର-ବାଇକ୍ ମୁହାଁମୁହିଁ ହୋଇ ବାଇକ୍ ଆରୋହୀ ଆକାଶ ସାହୁ ଗୁରୁତର ହୋଇ ବିଶାଖାପାଟଣା ସ୍ଥାନାନ୍ତର ହୋଇଛନ୍ତି। ସୂଚନା ଅନୁଯାୟୀ, ଗୁରୁବାର ମଧ୍ୟାହ୍ନରେ ସିନ୍ଧେଦେବୀ ସ୍ନାତକ ବିଦ୍ୟାଳୟର କାର୍ଯ୍ୟରତ କିରାଣୀ ଆକାଶ ସାହୁ ମଧ୍ୟାହ୍ନ ସମୟରେ ଘରକୁ ଯାଉଥିବା ସମୟରେ ମହାବିଦ୍ୟାଳୟ ନିକଟସ୍ଥ ନନ୍ଦପୁର ଟିକରପଡା ରାସ୍ତା ଉପରେ ଟ୍ରାକ୍ଟର ବାଇକ୍ ମୁହାଁମୁହିଁ ହୋଇ ଦୁର୍ଘଟଣା ଘଟି ବାଇକ୍ ଆରୋହୀ ଆକାଶ ସାହୁ ଗୁରୁତର ହୋଇଥିଲେ। ଦୁର୍ଘଟଣା ଗ୍ରସ୍ତ ଟ୍ରାକ୍ଟର ଭାରସାମ୍ୟ ହରାଇ ରାସ୍ତା କଡରେ ଓଲଟି ପଡ଼ିଥିଲା। ରାସ୍ତାରେ ଯାଉଥିବା ଲୋକେ ଦୁର୍ଘଟଣା ଗ୍ରସ୍ତ ଆକାଶ ସାହୁଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ମେଡିକାଲ ନେଇଥିଲେ। ଖବର ପାଇ ନନ୍ଦପୁର ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ଟ୍ରାକ୍ଟର ଡ୍ରାଇଭରକୁ ଅଟକ ରଖିଛନ୍ତି। ପ୍ରାଥମିକ ଚିକିତ୍ସାପରେ ଗୁରୁତର ଆକାଶ ସାହୁଙ୍କୁ ବିଶାଖାପାଟଣା ସ୍ଥାନାନ୍ତରିତ କରାଯାଇଛି। ଖବର ପାଇ ନନ୍ଦପୁରର ବହୁ ମାନ୍ୟଗଣ୍ୟ, ମହାବିଦ୍ୟାଳୟ ଅଧ୍ୟକ୍ଷ ସମସ୍ତେ ସମସ୍ତ ଅଧ୍ୟାପକ ଅଧ୍ୟାପିକା ମାନେ ନନ୍ଦପୁର ମେଡିକାଲ ପହଞ୍ଚି ଆକାଶଙ୍କ ଆରୋଗ୍ୟ କାମନା କରିଥିଲେ।

● କୁମୁଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ଦାବି

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟି ଦାବି ଜଣାଇଲେ ହିମାଂଶୁ



ବୋରିଗୁମ୍ମା, ୧୮ ।୧୨ (ସମିସ): କୁମୁଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମାନ୍ୟତା ପ୍ରଦାନ ପାଇଁ ଜୟପୁର ନିର୍ବାଚନ ମଣ୍ଡଳୀର ବିଜେପି ନେତା ହିମାଂଶୁ ମହାପାତ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗଙ୍କୁ ଭେଟି ଦାବି ଜଣାଇଛନ୍ତି। ସୂଚନାଯୋଗ୍ୟ, ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ କୁମୁଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମାନ୍ୟତା ପାଇଁ ଅଞ୍ଚଳବାସୀ ଦୀର୍ଘ ବର୍ଷ ହେବ ଦାବି କରି ଆସୁଛନ୍ତି। କୁମୁଲି ମେଡିକାଲ ଉପରେ ବୋରିଗୁମ୍ମା ବ୍ଲକର ୧୭ଟି ପଞ୍ଚାୟତ , ଦଶମନ୍ତପୁର ବ୍ଲକର ୩ଟି ପଞ୍ଚାୟତ ଓ ପଡୋଶୀ ନବରଙ୍ଗପୁର ଜିଲ୍ଲାର ୩ଟି ପଞ୍ଚାୟତର ହଜାର ହଜାର ଲୋକ ନିର୍ଭର କରୁଛନ୍ତି। ଡିସେମ୍ବର ୨ ତାରିଖ ଦିନ କୁମୁଲି ଅଞ୍ଚଳର ଗୋଟିଏ ଟିମ୍ କୋରାପୁଟ ଜିଲ୍ଲାପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କୁ ଏବଂ କୋରାପୁଟ ଜିଲ୍ଲାର ସମସ୍ତ ବିଧାୟକ, ଜନପ୍ରତିନିଧିଙ୍କୁ ଦାବି ଜଣାଇଥିଲେ। ଏହି ସମସ୍ୟାକୁ ହୃଦୟଙ୍ଗମ କରି ବିଜେପି ନେତା ହିମାଂଶୁ ମହାପାତ୍ର ଭୁବନେଶ୍ୱର ସ୍ଥିତ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ମହାଲିଙ୍ଗ ସରକାରୀ ବାସଭବନରେ ଭେଟି ଦାବି ଜଣାଇଥିବା କହିଛନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରୀ ମଧ୍ୟ ଏହି ଦାବିକୁ ଗୁରୁତ୍ୱ ଦେଇ ପଦକ୍ଷେପ ଗ୍ରହଣ କରିବେ ବୋଲି ହିମାଂଶୁ ମହାପାତ୍ରଙ୍କୁ ପ୍ରତିଶ୍ରୁତି କରିଥିବା ଜଣାପଡିଛି।

# ଖମାପଦର କ୍ଲଷ୍ଟରସ୍ତରୀୟ ଶିକ୍ଷାସଭା



ରାୟଗଡ଼ା,୧୮ ।୧୨(ସମିସ): ଗୁରୁବାର ଦିନ ପଦ୍ମପୁର ବ୍ଲକ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଜାତିଲି ଠାରେ ଖମାପଦର କ୍ଲଷ୍ଟରସ୍ତରୀୟ ଶିକ୍ଷାସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ଆସ ସ୍କୁଲ ଅଭିଯାନ ଅଧୀନରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମଟି ଖମାପଦର କ୍ଲଷ୍ଟର ସିଆରସିସି ଚିତ୍ତରଞ୍ଜନ ସେନାପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ଅଧାରୁ ପାଠ ଛାଡି ଦେଇଥିବା ଏବଂ ବିଦ୍ୟାଳୟରେ ନାମ ଲେଖାଇ ନଥିବା ଶିକ୍ଷାର୍ଥୀ ମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ନିମନ୍ତେ ସଚେତନତା ଏବଂ ଆଗ୍ରହ ସୃଷ୍ଟି କରିବା ନିମନ୍ତେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ସାହୁ ସଭାପତିତ୍ୱ କରିଥିଲେ। ସ୍ଥାନୀୟ ସରପଞ୍ଚ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅର୍ଜୁନ ବୁରାଡି, ଅବସରପ୍ରାପ୍ତ ଅତିରିକ୍ତ କମିଶନର, ବଣିଜ୍ୟକର ବିଭାଗ ଚକ୍ରପାଣି ଶାବର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି, ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ବିରିପଦର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତି ପାଣିଗ୍ରାହୀ ଏବଂ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମୋହନ ରାଓ ମିଶାଲ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ। ପ୍ରଥମେ ସମସ୍ତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିବା ସହ ଗ୍ରାମରେ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଶିକ୍ଷା ଅଧିକାର ଆଇନ-୨୦୦୯ ଏବଂ ନୂତନ ଶିକ୍ଷା ନୀତି-୨୦୨୦ ସମ୍ବନ୍ଧେ ପ୍ରାଞ୍ଜଳ ଆଲୋଚନା କରାଯାଇଥିଲା। କିଭଳି ଭାବେ ଅଧାରୁ ପାଠ ଛାଡି ଦେଇଥିବା ଶିକ୍ଷାର୍ଥୀଙ୍କୁ ବିଦ୍ୟାଳୟକୁ ଫେରାଇ ଅଣାଯାଇ ପାରିବ ସେ ସମ୍ପର୍କିତ ପଦକ୍ଷେପ ନେବା ନିମନ୍ତେ ଆଲୋଚନା କରାଯାଇଥିଲା। ଶେଷରେ ଅଧାରୁ ପାଠ ଛାଡ଼ି ଦେଇଥିବା ପିଲାମାନେ ଯେଉଁମାନେ କି, ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି ସେମାନଙ୍କ ପିତାମାତାଙ୍କୁ ସମ୍ବର୍ଦ୍ଧନା ଫଳକ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଶେଷରେ ଚିତ୍ତରଞ୍ଜନ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଜାତିଲି ପ୍ରଧାନ ଶିକ୍ଷୟିତ୍ରୀ ଏବଂ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଖମାପଦର କ୍ଲଷ୍ଟରର ଅନ୍ତର୍ଗତ ୧୩ ଗୋଟି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ/ଶିକ୍ଷକ ଏବଂ ପ୍ରାୟ ୬୦ ଜଣ ଅଭିଭାବକ ଯୋଗ ଦେଇଥିଲେ

## ଅତଣ୍ଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ



ନନ୍ଦପୁର,୧୮ ।୧୨ (ସମିସ): ନନ୍ଦପୁର ବ୍ଲକ ଅନ୍ତର୍ଗତ ଅତଣ୍ଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଦୁଇ ଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ପ୍ରଧାନ ଶିକ୍ଷକ ସୁଧୀର କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି କ୍ରୀଡ଼ା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ନମନ୍ତି ଖିଲ, ସମ୍ମାନିତ ଅତିଥି ଭାବେ ଏବିଓ ଗୁରୁନାଥ ମାଝୀ, ସ୍କୁଲ ପରିଚାଳନା ସଭାପତି ଦୀନବନ୍ଧୁ ତେନ୍ତୁଳିପାଡିଆ, ସରପଞ୍ଚ ସହଦେବ ପାଙ୍ଗି, ସମିତି ସଭ୍ୟ ଦାଉଦ୍ ଖରା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ କାର୍ତ୍ତିକ ଖେମୁଣ୍ଡୁ ପ୍ରମୁଖ ଯୋଗ ଦେଇଥିଲେ। ଦୁଇ ଦିନ ଧରି ଆୟୋଜିତ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ସମାରୋହରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ସମ୍ମାନ ପ୍ରଦାନ କରାଯାଇଥିଲା। ଅତିଥିମାନେ ତାଙ୍କ ଉଦ୍‌ବୋଧନରେ କ୍ରୀଡାକୁ ଶିକ୍ଷାର ଏକ ଅଭିନ୍ନ ଅଂଗ ସହ ପାଠ ପଡା ଓ କ୍ରୀଡା ଗୋଟିଏ ମୁଦ୍ରା ର ଦୁଇ ପାର୍ଶ ବୋଲି କହିବା ସହ ଜୀବନ ରେ ପାଠ ପଡା ସହିତ କ୍ରୀଡା ମଧ୍ୟ ସେତିକି ଗୁରୁତ୍ୱ ବୋଲି କହିଥିଲେ ଅତି ଥି ମାନେ ତତ୍ ସହିତ ଶାରୀରିକ ଓ ମାନସିକ ବିକାଶ ପାଇଁ କ୍ରୀଡାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ସମସ୍ତ ଶିକ୍ଷକ ବିଜୟ କୁମାର ସରଙ୍ଗି, ସଞ୍ଜୀବ ମହାନ୍ତି, ଅଭିରାମ ସୁତାର, ସାଧୁ ପୂଜାରୀ, ପିତାମ୍ବର ସ୍ୱାଇ, ସନ୍ତୋଷ କୁମାର ପ୍ରଧାନ, ସହଦେବ ଜାଲା, ଅର୍ଜୁନ ଗୁଞ୍ଜିଆ, ଧେରେନ୍ ଧିଆ ଲ, ରାଜୁ ଖେମୁଣ୍ଡୁ, ନାଗୁ ସୀସା, ଦେବ ମୁଦୁଲି ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# କଞ୍ଜାମଯୋଡି ଗାଁରେ ହେଲାନି ଶାନ୍ତି କମିଟି ଗଠନ



କଲ୍ୟାଣସିଂହପୁର, ୧୮ ।୧୨(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଶିକରପାଇ ପଞ୍ଚାୟତର କଞ୍ଜାମଯୋଡି ଗ୍ରାମରେ ଜିଲ୍ଲା ପ୍ରଶାସନ ପହଞ୍ଚି ଶାନ୍ତି କମିଟି ଗଠନ କରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ହୋଇ ନଥିବା ଜଣାପଡିଛି । ଗତ ଜାନୁୟାରୀ ମାସରେ ହିନ୍ଦୁ ଓ ଖ୍ରୀଷ୍ଟିଆନ ଧର୍ମକୁ ନେଇ ଗ୍ରାମରେ ଗଣ୍ଡଗୋଳ ହୋଇଥିଲା। ଏହାକୁ ନେଇ କଲ୍ୟାଣସିଂହପୁର ଥାନାରେ ଅଭିଯୋଗ କରିଥିଲେ। ଏହାକୁ ନେଇ ପ୍ରଶାସନ ଉଭୟ ପକ୍ଷକୁ ନେଇ ସମାଧାନ କରିଥିଲେ। ଏହାପରେ ଗ୍ରାମରେ ଶାନ୍ତି କମିଟି ଗଠନ କରିବା ପାଇଁ ନିଷ୍ପତି ନେଇଥିଲେ। ଆଜି ଉପଜିଲାପାଳ ରମେଶ ଚନ୍ଦ୍ର ଜେନା, ଏସ୍‌ଡିପିଓ ଗୌରହରୀ ସାହୁ, ଥାନା ଅଧିକାରୀ ନୀଳକଣ୍ଠ ବେହେରା, ତହସିଲଦାର ମାନସ ରଞ୍ଜନ ମାନସେଠ, ବିଡ଼ିଓ ମନୀଷା ଦାସ, ଶିଶୁ ବିକାଶ ପ୍ରକଳ୍ପ ତଥା ବାଲ୍ୟ ବିବାହ ନିଷେଧ ମମତା ଦାସ, ରାଜସ୍ୱ ନିରୀକ୍ଷକ ପ୍ରମୁଖ କଞ୍ଜାମଯୋଡି ଗ୍ରାମରେ ଉପସ୍ଥିତ ରହିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରାମକୁ କୌଣସି ସୂଚନା ନ ଦେଇ ଶାନ୍ତି କମିଟି ଗଠନ କରିବା ପାଇଁ ଯାଇଥିଲେ। କିନ୍ତୁ ଗ୍ରାମରେ କୌଣସି ବ୍ୟକ୍ତି ଉପସ୍ଥିତ ରହି ନଥିବାରୁ କିଛି ସମୟ ଅପେକ୍ଷା କରି ଜଗି ରହିଥିଲେ। ମଧ୍ୟାହ୍ନ ସମୟରେ ଡଙ୍ଗରରୁ ଜଣ ଜଣ କରି ଲୋକେ ଆସିବା ପରେ କିଛି ଲୋକଙ୍କୁ ନେଇ ଗ୍ରାମ ମଝିରେ ବୈଠକ କରିଥିଲେ। ଶାନ୍ତି କମିଟି ଗଠନ କରିବା ପର୍ଯ୍ୟନ୍ତ ପରସ୍ପର ମଧ୍ୟରେ ଶାନ୍ତି ଶୃଙ୍ଖଳାରେ ରହିବା ପାଇଁ ଉପଜିଲ୍ଲାପାଳ ଗ୍ରାମବାସୀଙ୍କୁ ବୁଝାଇଥିଲେ। ଆବଶ୍ୟକ ସ୍ଥଳେ ଅନ୍ୟ ଏକ ଦିନ ବୈଠକ କରିବା ବୋଲି କହିଥିବା ତହସିଲଦାର ମାନସ ରଞ୍ଜନ ମାନସେଠ ସୂଚନା ଦେଇଛନ୍ତି।

# ଜାତୀୟ ରାଜପଥ ପ୍ରଶସ୍ତୀକରଣ ପାଇଁ ଶୁଭଦେଲେ ବିଧାୟକ



ସେମିଳିଗୁଡା, ୧୮।୧୨ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ସହରରେ ଟ୍ରାଫିକ ସମସ୍ୟା ସମାଧାନ ଦିଗରେ ଜାତୀୟ ରାଜପଥ ପ୍ରଶସ୍ତୀକରଣ ପାଇଁ ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡ଼ାମ୍ ଗୁରୁବାର ଶୁଭ ଦେଲେ। ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦାମନଯୋଡି ଛକ ଠାରୁ ବେଣ୍ଟିଂ ଜୋନ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତୀକରଣ ସହ ଡିଭାଇଡର ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ପାଇଁ ବିଧାୟକ ରାମ ଚନ୍ଦ୍ର କାଡ଼ାମ୍ ଶୁଭ ଦେଇଥିଲେ। କାର୍ଯ୍ୟକ୍ରମରେ ଜାତୀୟ ରାଜପଥ ବିଭାଗ ଯନ୍ତ୍ରୀ ସୌମାର୍ଜିନୀ ସେଠୀ, ବିଭାଗୀୟ କନିଷ୍ଠ ଯନ୍ତ୍ରୀ ପ୍ରଫୁଲ୍ଲ ନାୟକ, ବ୍ଲକ୍ କଂଗ୍ରେସ ସଭାପତି ସୋନିଆ ମାଝୀ, ସାଂସଦ ପ୍ରତିନିଧି ଜଗତ ରାୟ,ବିଧାୟକ ପ୍ରତିନିଧି ମହେଶ୍ୱର କିଲୋ,ନେତା କର୍ମୀ ଯୋଗ ଦେଇଥିଲେ। ନାଲକୋ ଛକଠାରୁ ଭେଣ୍ଟିଂ ଜୋନ୍ ଯାଏ ୨୬ନଂ ଜାତୀୟ ରାଜପଥ ପ୍ରଶସ୍ତୀକରଣ ନେଇ ୩ ବର୍ଷ ତଳେ କାମ ଆରମ୍ଭ ହୋଇଥିଲା। କିନ୍ତୁ ଏଥରେ ବିଳମ୍ବ ହୋଇଥିଲା। ବହୁତ ଦାବି ପରେ ଜିଲା ଖଣିଜ ପାଣ୍ଠିରୁ ଦୀର୍ଘ ବର୍ଷ ହେବ ରାସ୍ତାର ପ୍ରଶସ୍ତୀକରଣ ପାଇଁ ୫ କୋଟି ମଞ୍ଜୁର ହୋଇଛି। ବହୁତ ଦିନ ବିଳମ୍ବ ପରେ ରାସ୍ତା କାମ ଚାଲିବା ପାଇଁ ଗ୍ରୀନ୍ ସିଗ୍ନାଲ ଆସିବା ପରେ କାମ ଆରମ୍ଭ ହେବାକୁ ଯାଉଛି ବୋଲି ବିଧାୟକ କାଡ଼ାମ୍ ସୂଚନା ଦେଇଥିଲେ। ଜାତୀୟ ରାଜପଥ ଉନ୍ନତୀକରଣ ନିମନ୍ତେ ମଞ୍ଜୁର ହେଇଥିବା ପାଣ୍ଠି ଫେରିଥିବା ବେଳେ ପୁଣି ମଞ୍ଜୁରୀ କରି କାମ ଆରମ୍ଭ କରୁଛୁ, ଆଉ କାମ ଠିକ୍ ସମୟରେ ସମ୍ପୂର୍ଣ୍ଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେମିଳିଗୁଡାବାସୀଙ୍କ ସ୍ୱପ୍ନ ପୂରଣ ହେବା ଆଶା କରୁଛି ବୋଲି ବିଧାୟକ କହିଥିଲେ। ପ୍ରକାଶ ଥାଉ କି ତିନି ଦିନ ତଳେ କୋରାପୁଟ ବିଧାୟକ ରଘୁରାମ ମାଛ ଜୀବନ ଜ୍ୟୋତି ସ୍କୁଲ ନିକଟରେ ଶୁଭ ଦେଇଥିବା ବେଳେ ଆଜି ପଟ୍ଟାଙ୍ଗି ବିଧାୟକ ରାମ ଦାମନଯୋଡି ଛକରେ ଶୁଭ ଦେବା ନେଇ ଚର୍ଚ୍ଚାର ବିଷୟ ହୋଇଛି।

# ମଣ୍ଡିରେ ଧାନ କ୍ରୟ ହୋଇପାରୁନି; ଚାଷୀ ଅସନ୍ତୋଷ



ଜୟପୁର,୧୮ ।୧୨(ସମିସ): କୋରାପୁଟ ଜିଲ୍ଲାରେ ଗତ ୧୧ ତାରିଖରୁ ମଣ୍ଡି ଉଦ୍‌ଘାଟନ ହୋଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ମଣ୍ଡିରେ ଧାନ କ୍ରୟ ହେଉନଥିବା ନେଇ ଚାଷୀ ମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହିପରି ଜୟପୁର ବ୍ଲକର ଫାମ୍ପୁଣି ଗ୍ରାମ ମଣ୍ଡିରେ ସମୁଦାୟ ୭୫ଜଣ ଚାଷୀଙ୍କୁ ନିଜ ନିଜ ଜମିରେ ଅମଳ ହୋଇଥିବା ଖରିଫ ଧାନ ବିକ୍ରି ନିମନ୍ତେ ଟୋକନ ପ୍ରଦାନ କରାଯାଇଛି। ଏହିପରି ଚାଷୀ ମାନେ ମଣ୍ଡିକୁ ଧାନ ଆଣି ପିଣ୍ଡିରେ ସଜାଇ ରଖିଛନ୍ତି। କିନ୍ତୁ କ୍ରୟକାରୀ ସଂସ୍ଥା ପକ୍ଷରୁ ଧାନ କ୍ରୟ ଆରମ୍ଭ ହୋଇପାରିନାହିଁ। କ୍ରୟକାରୀ ସଂସ୍ଥା ଲ୍ୟାମ୍ପସ ପକ୍ଷରୁ ଧାନ କ୍ରୟ ନେଇ କୌଣସି ପଦକ୍ଷପ ଗ୍ରହଣ କରୁନଥିବା ନେଇ ଚାଷୀ ମାନେ ଅଭିଯୋଗ କରିଛନ୍ତି। ଚାଷୀ ମାନେ ନିଜର ଦାବି ମୁତାବିକ ବିନା କଟ୍‌ନୀ ଛଟ୍‌ନୀ ଏବଂ ମଣ୍ଡିରେ ଚାଷୀ ଆଣିଥିବା ସେମାନଙ୍କ ବସ୍ତା ଫେରସ୍ତ କରନ୍ତୁ କିମ୍ବା ଉକ୍ତ ବସ୍ତା ବାବଦକୁ ଟଙ୍କା ପ୍ରଦାନ କରିବାକୁ ଦାବି କରିଥିଲେ। ଆଜି କେବଳ ଜଣେ ମାତ୍ର ମିଲର୍ସ କଷ୍ଟମ ମିଲିଂ ଧାନ ଗ୍ରହଣ ପାଇଁ ମଣ୍ଡିକୁ ଯାଇଥିଲେ। କିନ୍ତୁ ଚାଷୀ ମାନେ ସେମାନଙ୍କ ଦାବି ମୁତାବିକ୍ ଜିଦରେ ଅଟଳ ରହିବା ଯୋଗୁଁ ଲ୍ୟାମ୍ପସ କର୍ମଚାରୀ ମାନେ ଆଲୋଚନା କରାଯାଇ ପରବର୍ତ୍ତୀ ଦିବସରେ ଧାନ କ୍ରୟ କରାଯିବ ବୋଲି କହି ଫେରି ଆସିଥିଲେ। ଏହିପରି ଚାଷୀଙ୍କ ଧାନ କ୍ରୟ ହୋଇନଥିବାକୁ ନେଇ ଅସନ୍ତୋଷ ଦେଖାଦେଇଛି। ଚାଷୀଙ୍କୁ ଟୋକନ ପ୍ରଦାନ କରାଯାଇଛି । ଏବଂ ମଣ୍ଡିକୁ ଧାନ ଅଣାଯାଇଥିଲେ ସୁଦ୍ଧା ଏହିପରି ପ୍ରଶାସନ ପକ୍ଷରୁ କ୍ରୟ ନେଇ ବିଳମ୍ବର କାରଣକୁ ନେଇ ଚାଷୀ ମାନେ ଆଶ୍ଚର୍ଯ୍ୟ ପ୍ରକଟ କରିଥିବା ବେଳେ ତୁରନ୍ତ ଧାନ କ୍ରୟ କରାନଗରେ କୌଣସି ଦୃଢ ପଦକ୍ଷପ ଗ୍ରହଣ କରିବାକୁ ଚାଷୀ ମାନେ ନିଷ୍ପତି ନେବେ ବୋଲି ଚାଷୀ ମାନେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, କୋରାପୁଟ ଜିଲ୍ଲାରେ ସମୁଦାୟ ୩୪ହଜାର ୨୬୩ଜଣ ଚାଷୀ ଧାନ ବିକ୍ରି ନେଇ ପଞ୍ଜୀକୃତ କରିଛନ୍ତି। ଏହିପରି ଗତକାଲି ଜିଲ୍ଲାର ଜୟପୁର ଉପଖଣ୍ଡର ୫ଟି ବ୍ଲକର ଚାଷୀ ମାନେ ଏବଂ କୃଷକ କଲ୍ୟାଣ ମଞ୍ଚ ପକ୍ଷରୁ ମଣ୍ଡିର ଅବ୍ୟବସ୍ଥା ଏବଂ ଚାଷୀ ମାନଙ୍କ ସମସ୍ୟାର ସମାଧାନ ନେଇ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ସାକ୍ଷାତ କରିବା ସହିତ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିବା ସହିତ ମୁଖ୍ୟତଃ କଟ୍‌ନୀ ଛଟ୍‌ନୀ ବନ୍ଦ କରିବା ଏବଂ ମଣ୍ଡି ହ୍ୟାଣ୍ଡଲିଂକୁ କଡାକଡି ଭାବେ କାର୍ଯ୍ୟକାରୀ କରିବା ନେଇ ଦାବିପତ୍ରରେ ଉଲ୍ଲେଖ କରିଥିଲେ।

# ବରିଷ୍ଠ ନାଗରିକଙ୍କୁ ସାଇବର ସଚେତନତା

ସେମିଳିଗୁଡ଼ା, ୧୮।୧୨ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ଡିସିବି ବ୍ୟାଙ୍କ ତରଫରୁ ବରିଷ୍ଠ ନାଗରିକ ସଂଘର ସଦସ୍ୟମାନଙ୍କୁ ସାଇବର ଅପରାଧ ନିୟନ୍ତ୍ରଣ ଉପରେ ସଚେତନତା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଡିସିବି ବ୍ୟାଙ୍କର ଆଞ୍ଚଳିକ ମୁଖ୍ୟ ପ୍ରିୟବ୍ରତ ସାମଲ, କ୍ଲଷ୍ଟର ମୁଖ୍ୟ ଆଶିଷ ମିଶ୍ର ଯୋଗଦେଇ ସାଇବର ଅପରାଧୀ ଓ ଠକାମୀରୁ ନିଜକୁ କିପରି ବଞ୍ଚାଇ ପାରିବେ, ତା' ଉପରେ ଆଲୋକପାତ କରିଥିଲେ। ସେମିଳିଗୁଡା ଶାଖା ପରିଚାଳକ ସନ୍ତୋଷ କୁମାର ପଣ୍ଡା,ଓ କର୍ମଚାରୀ, ମନୋଜ, ଜ୍ୟୋତି ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବରିଷ୍ଠ ନାଗରିକ ସଂଘର ସଭାପତି ପ୍ରତାପ ପାତ୍ର, ସଂପାଦକ ଭୂବନେଶ୍ୱର ପଟ୍ଟନାୟକ, ଉପଦେଷ୍ଟା ଡକ୍ଟର ଚିତ୍ତରଞ୍ଜନ ମିଶ୍ର, ବିଜୟ କୁମାର ସାହୁ,ସଦସ୍ୟା ସ୍ନିଗ୍ଧାରାଣୀ ମିଶ୍ର ଆଲୋଚନାରେ ଭାଗ ନେଇଥିଲେ। ବହୁ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ।

# ଜିଲ୍ଲାସ୍ତରୀୟ ଜୁନିଅର ରେଡକ୍ରସ ପ୍ରଶିକ୍ଷଣ ଶିବିର



କୁନ୍ଦୁରା, ୧୮।୧୨(ସମିସ): କୁନ୍ଦୁରା ସଦର ମହକୁମା ସ୍ଥିତ ଶ୍ରୀଅରବିନ୍ଦ ଶିକ୍ଷା ନିକେତନ ଉଚ୍ଚ ବିଦ୍ୟାଳୟ ଠାରେ ଜିଲ୍ଲା ସ୍ତରୀୟ ଜୁନିଅର ରେଡକ୍ରସ ଅଧ୍ୟୟନ ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ରେଡକ୍ରସ ଜିଲ୍ଲା ସଂଯୋଜକ ହରେକୃଷ୍ଣ ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ପି.ମନସ୍ମିତା, ଗୋଷ୍ଠୀ ଶିକ୍ଷା ଅଧିକାରୀ ରଘୁନାଥ ପାଙ୍ଗି, ଜିଲ୍ଲା ଶିକ୍ଷା ସଂଯୋଜକ ଚନ୍ଦ୍ରକଳା ବଗର୍ତ୍ତୀ, ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ କାର୍ତ୍ତିକ ପୂଜାରୀ, ରାଜ୍ୟ ଜୁନିଅର ରେଡକ୍ରସ ସାଧନ କର୍ମୀ ଯଜ୍ଞେଶ୍ୱର ପଣ୍ଡା, ପୂର୍ବତନ ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ବିପ୍ର ଚରଣ ପଣ୍ଡା, ବରିଷ୍ଠ ଶିକ୍ଷାବିତ ତଥା ପୂର୍ବତନ ପ୍ରଧାନ ଶିକ୍ଷକ ପଞ୍ଚାନନ ଗୌଡ଼, ବିଧାୟକ ପ୍ରତିନିଧି ବଦ୍ରି ନାରାୟଣ ଆଚାର୍ଯ୍ୟ, ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଦୀପ ପ୍ରଜ୍ୱଳନ ପରେ ମୁଖ୍ୟ ଅତିଥି ଶ୍ରୀ ଭୁଏ ପତାକା ଉତ୍ତୋଳନ କରି ଉଦଘାଟନ କରିଥିଲେ। ଜୁନିଅର ମାନଙ୍କ ଦ୍ୱାରା ଉଦବୋଧନି ପ୍ରତିଜ୍ଞା ସ୍ଲୋଗାନ ଦିଆଯାଇଥିଲା । ଶାରୀରିକ କ୍ରୀଡ଼ା ଶିକ୍ଷା ଅଧିକାରୀ ଲଲାଟେନ୍ଦୁ ପୂଜାରୀ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସେଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ଚାଲିବ। ଆଜି ପ୍ରଥମ ଦିନରେ ରାଜ୍ୟ ଜୁନିଅର ରେଡକ୍ରସ ସାଧନ କର୍ମୀ ଶ୍ରୀପଣ୍ଡା ରେଡକ୍ରସର ଉତ୍ପତ୍ତି,ଉଦ୍ଦେଶ୍ୟ,ଲକ୍ଷ ଓ ଇତିହାସ ବିଷୟରେ ଏବଂ କୁନ୍ଦୁରା ଅଗ୍ନିଶମ ଅଧିକାରୀ ସରୋଜ କୁମାର ଭୁତିଆ ବିପତ୍ତି ଓ ବିପର୍ଯ୍ୟୟରୁ ଉଦ୍ଧାର, ଅଗ୍ନିର ପ୍ରକାରଭେଦ ଓ ନିଆଁ ଲିଭାଇବାର କୌଶଳ ଆଦି ବିଷୟରେ ପ୍ରଶିକ୍ଷଣ ଦେଇଥିଲେ।। ଅଗ୍ନିଶମ ବାହିନୀ ଦ୍ୱାରା ବିପର୍ଯ୍ୟୟ ମୁକାବିଲାର ପ୍ରଦର୍ଶନୀ ହୋଇଥିଲା। ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ଜିଲ୍ଲା ସାଧନ କର୍ମୀ ଜ୍ୟୋତି ରଞ୍ଜନ ନନ୍ଦ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୧୪ ବ୍ଲକରୁ ପ୍ରାୟ ୨ ଶହ ଉଚ୍ଚ ବିଦ୍ୟାଳୟର ୬ ଶହରୁ ଅଧିକ ଛାତ୍ରଛାତ୍ରୀ ଯୋଗଦେଇଛନ୍ତି। ପ୍ରତି ସ୍କୁଲରୁ ଗାଇଡ୍ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ଗାଇଡ୍ କରୁଛନ୍ତି। ପଞ୍ଜୀକରଣ ତଥା ଆନୁସଙ୍ଗିକ ବ୍ୟବସ୍ଥାର ପରିଚାଳନା ନିମନ୍ତେ ବ୍ଲକର ୫୦ରୁ ଅଧିକ ଦକ୍ଷ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ଉକ୍ତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସାମିଲ ହୋଇଛନ୍ତି।

# କଳାଗୁଡା ଜଙ୍ଗଲରେ ଅବକାରୀ ଚଢ଼ଉ

ଜୟପୁର, ୧୮ ।୧୨(ସମିସ): କୋରାପୁଟ ଜିଲ୍ଲା ଜୟପୁର ସଦର ଥାନା ଅନ୍ତର୍ଗତ କଳାଗୁଡ଼ା ଜଙ୍ଗଲରେ ଜୟପୁର ଅବକାରୀ ବିଭାଗ ପକ୍ଷରୁ ଚଢଉ କରାଯାଇ ବେଆଇନ ମଦ ପ୍ରସ୍ତୁତ କେନ୍ଦ୍ରକୁ ଭଙ୍ଗା ଯାଇଥିବା ବେଳେ ସେଠାରେ ଲୁଚାଇ ରଖାଯାଇଥିବା ବେଆଇନ ଦେଶୀ ଜବତ କରିଛନ୍ତି। ସୂଚନା ଅନୁଯାୟୀ , ଜୟପୁର ସଦର ପୁଲିସ ଏବଂ ଅବକାରୀ ନିରୀକ୍ଷକ କାର୍ଯ୍ୟାଳୟ ପକ୍ଷରୁ ମିଳିତ ଚଢଉ କରାଯାଇଥିଲା। ଚଢ଼ଉ ସୂଚନା ପାଇ ମଦ ମାଫିଆ ମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ବେଳେ ଅବକାରୀ ବିଭାଗ ପକ୍ଷରୁ ଯାଞ୍ଚ ବେଳେ ୨୨ ଶହ ଲିଟର ପୋଚ ନଷ୍ଟ କରାଯାଇଛି। ୨୧୦ ଲିଟର ବେଆଇନ ଦେଶୀ ମଦ ଜବତ କରିଛନ୍ତି। ଏଥିରେ ମଦ ରନ୍ଧା ସରଞ୍ଜାମ ଡମ୍ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଏହି ଚଢ଼ଉରେ ଅବକାରୀ ନିରୀକ୍ଷକ ଶଶୀକାନ୍ତ ଦତ୍ତ, ଅବକାରୀ ଥାନା ଅଧିକାରୀ ସୁବ୍ରତ କେଶୋରୀ ହିରନ ସହ ସଦର ପୁଲିସ ଉପସ୍ଥିତ ଥିଲେ।

# ବିଭିନ୍ନ ହଷ୍ଟେଲ ପରିଦର୍ଶନ କଲେ ଜିଲ୍ଲା ପରିଷଦ ସଭ୍ୟା



ବୈପାରୀଗୁଡ଼ା,୧୮।୧୨(ସମିସ): କୋଟପାଡ଼ ଗାନ୍ଧୀନଗର ଆଶ୍ରମ ବିଦ୍ୟାଳୟ ଛାତ୍ରଙ୍କ ମୃତ୍ୟୁ ଘଟଣା ପରେ ତତ୍ପରତା ଦେଖାଇଲେ ବୈପାରୀଗୁଡା ଜିଲ୍ଲା ପରିଷଦ ସଭ୍ୟା। ଆଜି ସକାଳେ ବୈପାରୀଗୁଡା ଅଞ୍ଚଳରେ ବିଭିନ୍ନ ହଷ୍ଟେଲ ପରିଦର୍ଶନ କଲେ ଜିଲ୍ଲା ପରିଷଦ ସଭ୍ୟା ମଣି ଯାନୀ। ହଷ୍ଟେଲରେ ପିଲା କେତେ ସୁରକ୍ଷିତ ସେ ନେଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ରହିବା ଖାଇବା ଶୋଇବା ଆଦି ବିଷୟକୁ ନେଇ ପିଲାଙ୍କୁ ପଚାରି ବୁଝିଛନ୍ତି । ଆଜି ବୈପାରୀଗୁଡା ବ୍ଲକର ଉନ୍ନତି ବିଦ୍ୟାଳୟ ଛାତ୍ରାବାସ ମହୁଲି ଏବଂ ଚନ୍ଦ୍ରପୋଡା ସ୍ଥିତି ପ୍ରାଥମିକ ବିଦ୍ୟାଳୟ ଛାତ୍ରକ୍ଷବାସ ପରିଦର୍ଶନ କରିଛନ୍ତି। ଚନ୍ଦ୍ରପୋଡା ସ୍ଥିତି ପ୍ରାଥମିକ ବିଦ୍ୟାଳୟ ଛାତ୍ରକ୍ଷବାସରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି । ଗୋଟିଏ କୋଠରୀରେ ୪୦ ପିଲା ରହୁଛନ୍ତ, ଖାଇବା ପିଇବା ସଠିକ୍ ଦିଆଯାଉଥିବା ବେଳେ ଶୋଇବା ଅସୁବିଧା ଥିବା ପିଲାମାନେ ଜିଲ୍ଲା ପରିଷଦ ସଭ୍ୟାଙ୍କୁ ଜଣାଇ ଥିଲେ। ଚନ୍ଦ୍ରପୋଡା ହଷ୍ଟେଲ ଅବ୍ୟବସ୍ଥାକୁ ନେଇ ଜିଲ୍ଲା ପରିଷଦ ସଭ୍ୟା ଅସନ୍ତୋଷ ପ୍ରକାଶ କରିଛନ୍ତି ଏବଂ ଏ ନେଇ ମଙ୍ଗଳ ବିଭାଗ ସହ ଆଲୋଚନା କରିବେ ବୋଲି କହିଛନ୍ତି।

# ବଣ୍ଡାଘାଟିରେ ରୋଟାରୀ କ୍ଲବ୍‌ର କମ୍ବଳ ବଣ୍ଟନ



ମାଲକାନଗିରି, ୧୮ ।୧୨(ସମିସ): ସାରା ରାଜ୍ୟରେ ଶୀତର ପ୍ରଭାବ ବଢ଼ିଥିବା ବେଳେ ଏହି ପରିପ୍ରେକ୍ଷୀରେ ମାଲକାନଗିରି ଜିଲ୍ଲାର ବଣ୍ଡା ଘାଟି ଅଞ୍ଚଳରେ ରୋଟାରୀ କ୍ଲବ୍ ପକ୍ଷରୁ କମଳ ବଣ୍ଟନ କରାଯାଇଛି। ଏହି ଅବସରରେ ରୋଟାରୀ କ୍ଲବ୍ ସଦସ୍ୟମାନେ କହିଥିଲେ ଯେ ସେବାଭାବ ହେଉଛି ରୋଟାରୀ କ୍ଲବ୍‌ର ପ୍ରଧାନ ଲକ୍ଷ୍ୟ। ଜିଲ୍ଲାରେ ଏହିପରି ରୋଟାରୀ କ୍ଲବ ପକ୍ଷରୁ ଅନେକ ମାନବ ସେବା ମୂଳକ କାର୍ଯ୍ୟ କରାଯାଉଥିବା ବେଳେ ସେମାନଙ୍କ ଏହି କାର୍ଯ୍ୟକୁ ସାଧାରଣରେ ବେଶ୍ ପ୍ରଶଂସା କରାଯାଇଛି। ଏହି ଅବସରରେ ରୋଟରି କ୍ଲବ ଜିଲ୍ଲା ସଭାପତି ଲବ ସାହୁ ଓ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ।

# ବ୍ଲକ୍‌ସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ




ନବରଙ୍ଗପୁର,୧୮ ।୧୨(ସମିସ): ନବରଙ୍ଗପୁର ଜିଲ୍ଲା ସଦର ବ୍ଲକ୍ ଅନ୍ତର୍ଗତ ବଡ଼ମସିଗାଁ ଠାରେ ଆଜି ବ୍ଲକ୍‌ସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ ମୁଖ୍ୟ ଅତିଥି ଏବଂ ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ନବରଙ୍ଗପୁର ବିଡିଓ ଡ.ସୁନୀଲ ଖରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷ ଶରତ ଭତରା, ଡିଆଇପିଆର୍‌ଓ ମନୋଜ ବେହେରା, ନବରଙ୍ଗପୁର ବ୍ଲକ ସାଂସଦ ପ୍ରତିନିଧି ତଥା କୋର କମିଟି ସଦସ୍ୟ ଜ୍ୟୋତି ରଞ୍ଜନ କଂସ ଏବଂ ସାଂସଦ ଖେଳ ମହୋତ୍ସବର ଜିଲ୍ଲା ସହ ସଂଯୋଜକ ବାଙ୍କ ବିହାରି ବିଷୋୟୀ ,ବଡମସି ଗାଁ ସରପଞ୍ଚ କମଲେଶ୍ୱରୀ ନାୟକ ,ରମେଶ ଭତରା ଅନ୍ୟାନ୍ୟ ଜନ ପ୍ରତିନିଧି ପ୍ରମୁଖ ମଞ୍ଚାସୀନ ଥିଲେ। ଗତ ୧୬ ତାରିଖରୁ ଆରମ୍ଭ ହୋଇଥିବା କ୍ରିକେଟ, ଫୁଟବଲ, ଭଲିବଲ, ୧୦୦ ମିଟର, ୨୦୦ ମିଟର ଦୌଡ଼ ପ୍ରତିଯୋଗିତାର ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଫୁଟବଲ ଖେଳ ପ୍ରତିଯୋଗିତାରେରେ ଚଟାହାଣ୍ଡି ପଞ୍ଚାୟତ, ଭଲିବଲ ଖେଳ ପ୍ରତିଯୋଗିତାରେ ସାନମସିଗାଁ ପଞ୍ଚାୟତ, କ୍ରିକେଟ ଖେଳରେ ଚଟାହାଣ୍ଡି ପଞ୍ଚାୟତ ବିଜୟୀ ହୋଇଥିଲେ। ବଡମସିଗାଁ ଏସ୍ଏସ୍‌ଡି ହାଇସ୍କୁଲର ଛାତ୍ରୀମାନେ ଢେମସା ନୃତ୍ୟ ପରିବେଷଣ କରିଥିଲେ। ନବରଙ୍ଗପୁର ବ୍ଲକର ବିଭିନ୍ନ ବିଦ୍ୟାଳୟର ୬ ଜଣ ଖେଳ ଶିକ୍ଷକ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସାଂସଦ ପ୍ରତିନିଧି ଜ୍ୟୋତି ରଞ୍ଜନ କଂସ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ତ୍ରିନାଥ ଗମାଙ୍ଗ ସଭାପତି ; ସୁଦର୍ଶନ ଶବର ସମ୍ପାଦକ

ଗୁଣପୁର,୧୮ ।୧୨(ସମିସ): ବସନ୍ତ ପଞ୍ଚମୀ ବା ସରସ୍ୱତୀ ପୂଜାରେ ଆରମ୍ଭ ହେବ ରାୟଗଡା ଜିଲ୍ଲା ଗୁଣପୁରର ଚତୁର୍ଦ୍ଦଶ ରାଜ୍ୟସ୍ତରୀୟ ବଂଶଧାରା ବସନ୍ତ ମହୋତ୍ସବ। ଫେବୃଆରୀ ୧୯ ପରେ ପରୀକ୍ଷା ଋତୁ ଆରମ୍ଭ ହେଉ ଥିବାରୁ ଜାନୁଆରୀ ୨୩ ବସନ୍ତ ପଞ୍ଚମୀରୁ ଉତ୍ସବ ଆରମ୍ଭ କରି ୨୮ ତାରିଖ ଯାଏଁ ସପ୍ତାହବ୍ୟାପି ଏହି ଉତ୍ସବ କରିବାକୁ ନିଷ୍ପତ୍ତି ହୋଇଛି। ତେବେ ମେଳା ୩୦ ତାରିଖ ଯାଏଁ ଚାଲିବ ବୋଲି ଜଣାପଡିଛି। ଉତ୍ସବ ଆରମ୍ଭ ପୂର୍ବରୁ ଦୁଇଦିନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ହେବ। ସହରରେ ବିଭିନ୍ନ ଅଞ୍ଚଳରେ ଭାଇଚାରା ପ୍ରତିଷ୍ଠା ଓ ଲୋକ ସଂସ୍କୃତି ରକ୍ଷା ଦିଗରେ ଅଗ୍ରଣୀ ଭୂମିକା

## ● ବସନ୍ତ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ



ନିଭାଉଥିବା ବରିଷ୍ଠ ନାଗରିକଙ୍କୁ ଦିନଟିଏ ସମ୍ବର୍ଦ୍ଧନା କରାଯିବ। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ଅବସରରେ ଚଳିତ ଥରର ଉତ୍ସବ ତାଙ୍କୁ ଉତ୍ସର୍ଗ କରି କରାଯିବାକୁ ନିଷ୍ପତ୍ତି ହୋଇଛି। କଳାକାର ମାନଙ୍କୁ ହ୍ୟୁମାନ ସ୍ମାରକୀ ସମ୍ମାନ ଦେବାକୁ ନିଷ୍ପତ୍ତି ହୋଇଥିଲା। ଏଥର ଉତ୍ସବ ପରିଚାଳନା କମିଟିର ପୁରା ରୂପରେଖ ବଦଳାଯାଇଛି। ପୂର୍ବତନ ବିଧାୟକ ତ୍ରିନାଥ ଗମାଙ୍ଗଙ୍କୁ ସଭାପତି କରାଯାଇଥିବା ବେଳେ ବ୍ଲକର ଉପାଧ୍ୟକ୍ଷ ସୁଦର୍ଶନ ଶବରଙ୍କୁ ସମ୍ପାଦକ ମନୋନୀତ କରାଯାଇଛି। ୩ଟି କାର୍ଯ୍ୟକାରୀ ସଭାପତି ପୌର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ, ବରିଷ୍ଠ ନାଗରିକ କୈଳାସ ଦାସ ଓ ଆଇନଜୀବୀ ରମେଶ ଲିମାଙ୍କୁ କରାଯାଇଥିଲା। ପୌରାଧ୍ୟକ୍ଷା ମମତା ଗୌଡଙ୍କୁ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷା ମନୋନୀତ କରାଯାଇଛି। କୋଷାଧ୍ୟକ୍ଷ ଭାବେ ପ୍ରଶାନ୍ତ ମିଶ୍ର, ସହ କୋଷାଧ୍ୟକ୍ଷ ରବି କୁମାର, ଆବାହାକ ଭାବେ ରାଜେଶ ପାଢୀଙ୍କୁ ମନୋନୀତ କରାଯାଇଥିଲା। ସ୍ଥାନୀୟ କନ୍ୟକା ପରମେଶ୍ୱରୀ ମନ୍ଦିର ପରିସରରେ ଗୁଣପୁର ନବ ନିର୍ମାଣ ସମିତିର ସଭାପତି ଅକ୍ଷୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଉତ୍ସବର ସମସ୍ତ ରୂପରେଖ ଚୁଡାନ୍ତ ହୋଇଛି। ଜାନୁଆରୀ ୪ ତାରିଖରୁ ମେଗା କ୍ରୀଡ଼ା ଉତ୍ସବ ଆରମ୍ଭ କରିବା ସହ ବଳରାମ ପଣ୍ଡା ସ୍ମାରକୀ ଡିଯୁଜ୍ ବଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବଂଶଧାରା କପ୍‌କୁ କରିବାକୁ ନିଷ୍ପତ୍ତି ହୋଇଛି। ସମିତିର ଉପ ସଭାପତି ଉମା ଶଙ୍କର ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ରଂଜିତ ପାଢି ଏ ସମ୍ପର୍କରେ କହିଥିଲେ। କୋଷାଧ୍ୟକ୍ଷ ପ୍ରଶାନ୍ତ ମିଶ୍ର ଓ ରାଜେଶ ପାଢି ଗତ ବର୍ଷର ଆୟବ୍ୟୟର ବିବରଣୀ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗ, ତ୍ରିନାଥ ଗମାଙ୍ଗ, ପୌର ଅଧ୍ୟକ୍ଷା ମମତା ଗୌଡ, ପୌର ଉପାଧ୍ୟକ୍ଷ ଶିବ ପ୍ରଶାଦ ଗୌଡ, ବରିଷ୍ଠ ଆଇନଜୀବୀ ଉମା ଚରଣ ପଟ୍ଟନାୟକ, ବ୍ରହ୍ମାନନ୍ଦ ପଟ୍ଟନାୟକ, ଓକିଲ ସଂଘ ସଭାପତି ଗୌରୀ ଦାସ, ଜିଆଇଇଟି ବିଶ୍ୱବିଦ୍ୟାଳୟର ଉପ ସଭାପତି ଡଃ ଚନ୍ଦ୍ରଧ୍ୱଜ ପଣ୍ଡା, ଡଃ ପ୍ରଶାନ୍ତ ହୋତା, କାଉନସିଲର ଭାଗିରଥି ବିଶ୍ୱୋୟୀ, କଳା ପରିଷଦ ସଭାପତି କୈଳାସ ଦାସ,ନିଳମାଧବ ପାଢି, ଦିଲିପ ଚୌଧୁରୀ, ତିରୁପତି ମହାନ୍ତି, ପ୍ରେସକ୍ଲବ ସମ୍ପାଦକ ରାଧାକୃଷ୍ଣ ପଟ୍ଟନାୟକ, ଅବସରପ୍ରାପ୍ତ ଅଧ୍ୟାପକ ଡଃ ସୂର୍ଯ୍ୟ ନାରାୟଣ ପଣ୍ଡା, ରାମ ପଣ୍ଡା, ମୁନା ପାଣି, ସାନ ବାଉରୀ, କ୍ରୀଡ଼ା ପରିଷଦ ସମ୍ପାଦକ ସପନ ଦାସ, ଅନିଲ ସାଉକାର, କଣ୍ଠଶିଳ୍ପୀ ସର୍ମିଳା ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

# ୧୦୦ ଦିନିଆଁ ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନର ତାଲିମ ଶିବିର




ନବରଙ୍ଗପୁର,୧୮।୧୨(ସମିସ): ନବରଙ୍ଗପୁର ମିଶନ ଶକ୍ତି ଗୃହରେ ଆସୋସିଏସନ ଫର ଭଲ୍ୟୁଣ୍ଟାରୀ ଆକ୍ସନ ତରଫରୁ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କ ତତ୍ତ୍ୱାବଧାନ ଏବଂ ଚାଇଲଡ ରାଇଟ୍ସ ଆସୋସିଏଟ ସୌରଭ ଉପାଧ୍ୟାୟଙ୍କ ଆୟୋଜନରେ ସିଏମପି ଓ ଏବଂ ପିଏଲଭି ସହ ସମ୍ପୃକ୍ତ ବିଭାଗୀୟଙ୍କୁ ନେଇ ଆଜି ୧୦୦ ଦିନିଆ ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନର ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର କାର୍ଯ୍ୟକ୍ରମର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ସୁରକ୍ଷା ଅଧିକାରୀ ରମା ପଟ୍ଟନାୟକ ୧୦୦ ଦିନିଆଁ କାର୍ଯ୍ୟକ୍ରମ ର ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟ ତାଲିମଦାତା ଭାବେ ରାମ ପ୍ରସାଦ ପଟ୍ଟନାୟକ , ବିଜୟ କୁମାର ପଟ୍ଟନାୟକ ପ୍ରୋଜେକଟ କୋଅର୍ଡିନେଟର, ସଭାପତି ମୋଦନ କ୍ରିଷନୀ ଏବଂ ଉମା ଶତନାମୀ ଉପସ୍ଥିତ ଥିଲେ। ୱାନଷ୍ଟପ ସେଣ୍ଟର ଅଧିକାରୀ କିଶୋରୀ ପଟ୍ଟନାୟକ ଅଧବକ୍ତା ଭାବେ ଯୋଗ ଦେଇ ବାଲ୍ୟ ବିବାହ ସଂପୃକ୍ତ ଯେ କୌଣସି ବ୍ୟକ୍ତିକୁ ଦୁଇ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ଏବଂ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ହୋଇପାରେ ଏ ବିଷୟକୁ ନେଇ ଆଲୋଚନା କରିଥିଲେ। ସୌରଭ ଉପାଧ୍ୟାୟ ଏହି ଜାତୀୟ ଅଭିଯାନ ଗତ ୨୭ ନଭେମ୍ବର ରୁ ୮ ମାର୍ଚ୍ଚ ପର୍ଯ୍ୟନ୍ତ ୧୦୦ଦିନ ବ୍ୟାପୀ ଅଭିଯାନ ବିଷୟରେ ସମସ୍ତଙ୍କୁ ଅବଗତ କରିଥିଲେ। ନବରଙ୍ଗପୁର ସିଡିପିଓ ବାଲ୍ୟ ବିବାହର କୁପରିଣାମ ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ତପନ କୁମାର ଖୁଣ୍ଟିଆ ଏ ସମ୍ପର୍କରେ କହିଥିଲେ। ବୋମେନ୍ସ, ସସ୍ମିତା ପାତ୍ର ବାଲ୍ୟ ବିବାହ ର ପିପିଟି ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ସଖୀ ୱାନ ଷ୍ଟପ ସେଣ୍ଟର କେନ୍ଦ୍ର ପ୍ରଶାସିକା ଏବଂ ପରାମର୍ଶଦାତ୍ରୀଙ୍କ ସମେତ ସମସ୍ତ ସିଏମ୍‌ପି ଓ, ୱାର୍ଡ଼େନ, ପିଏଭି, ଆଙ୍ଗନ ଟ୍ରଷ୍ଟ, ଶିଶୁ ସୁରକ୍ଷା କର୍ମକର୍ତ୍ତା, ଶିଶୁ ମଙ୍ଗଳ କମିଟିର କର୍ମକର୍ତ୍ତାଙ୍କ ସମେତ ସମସ୍ତ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀ, ନବରଙ୍ଗପୁର କୋଷଗୁମୁଡା ରାଇଘର ଝରୀଗାଁ ଓ ଚନ୍ଦାହାଣ୍ଡିର ସିଡିପିଓ ଉପସ୍ଥିତ ଥିଲେ। ଶେଷରେ ବୋମେନ୍ସ ହବର, କୋର୍ଡିନେଟର ସରିତା ପାଣି ଧନ୍ୟବାଦ ଦେଇଥିଲେ।

# କବାଟ ଭାଙ୍ଗି ଘରେ ପଶି ଆକ୍ରମଣ ଅଭିଯୋଗ

ଜୟପୁର,୧୮ ।୧୨(ସମିସ): କୋରାପୁଟ ଜିଲ୍ଲା ଜୟପୁର ସଦରଥାନା ସୌରାଗୁଡା ଗ୍ରାମ ଠାରେ ମଙ୍ଗଳବାର ବିଳମ୍ବିତ ରାତିରେ ପାରାବେଡା ଅଞ୍ଚଳର ଜଣେ ଯୁବକ ପୂର୍ବଶତ୍ରୁତାକୁ ନେଇ ସୌରାଗୁଡା ଭଗବାନ ହରିଜନଙ୍କ ଗୃହର କବାଟ ଭାଙ୍ଗି ଭିତରେ ପ୍ରବେଶ କରିବା ସହିତ ଅଭିଯୋଗକାରୀ ଓ ତାଙ୍କ ସ୍ତ୍ରୀକୁ ଏକ ଛୁରାରେ ଆକ୍ରମଣ କରିଥିବା ନେଇ ସଦରଥାନାରେ ଅଭିଯୋଗ ହୋଇଛି। ଗ୍ରାମବାସୀ ମାନେ ମିଳିତ ଭାବେ ଆକ୍ରମଣକାରୀଙ୍କୁ କାବୁ କରିବା ସହ ପୁଲିସକୁ ହସ୍ତାନ୍ତର କରିଛନ୍ତି। ଏ ନେଇ ସଦରଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଅଭିଯୋଗ ଅନୁଯାୟୀ, ଅଭିଯୋଗକାରୀ ଭଗବାନଙ୍କ ସାନଭାଇଙ୍କ ସହିତ ଅଭିଯୁକ୍ତଙ୍କ ଗଣ୍ଡଗୋଳ ଉକ୍ତ ଦିନ ସଂଧ୍ୟାରେ ହୋଇଥିଲା। ଏଥିରେ ବଡ଼ଭାଇ ଭଗବାନ ହସ୍ତକ୍ଷେପ କରିବା ସହିତ ଗ୍ରାମବାସୀ ମାନେ ମିଳିତ ଭାବେ ଅଭିଯୁକ୍ତଙ୍କୁ ଗ୍ରାମରୁ ବାହାରି ଯିବାକୁ ତାଗିଦ କରିବା ପରେ ସେ ସେଠାରୁ ଚାଲିଯାଇଥିଲା । କିନ୍ତୁ ଜୀବନରେ ମାରିବା ନେଇ ଧମକ ଦେଇଥିଲା। ପୁଣି ଉକ୍ତ ଦିନ ରାତିରେ ପୁଣି ଅଭିଯୁକ୍ତ ପହଞ୍ଚି ଏକ ମାରଣାସ୍ତ୍ର ନେଇ ଅଭିଯୋଗକାରୀ ଭଗବାନ ଓ ତାଙ୍କ ପରିବାର ଉପରେ ଆକ୍ରମଣ କରିଥିଲା। ଏହିପର ଭୟଭୀତ ହୋଇ ପରିବାକ ଲୋକ ଗୃହର ବାହାରକୁ ଚାଲି ଆସି ପାଟି କରିବାରୁ ଗ୍ରାମାବାସୀ ମାନେ ଜମା ହୋଇ ଆକ୍ରମଣକାରୀଙ୍କୁ କାବୁ କରିବା ସହିତ ପୁଲିସକୁ ସୂଚନା ଦେଇ ଅଭିଯୁକ୍ତଙ୍କୁ ହସ୍ତାନ୍ତର କରିଥିଲେ।

## 'ଚଇତି-ଇଡିତାଲ' କ୍ରିକେଟ୍ ପ୍ରତିଯୋଗିତା

# ରାଇଜିଂ ଷ୍ଟାର୍ ଦଳ ଚାମ୍ପିଅନ୍



ଗୁଣପୁର,୧୮।୧୨(ସମିସ): ଗୁଣପୁର ଉପଖଣ୍ଡ ସ୍ତରୀୟ 'ଚଇତି-ଇଡ଼ତାଲ' ମହୋତ୍ସବ ପାଳନ ଅବସରରେ ମିନିଷ୍ଟାଡିୟମରେ ଚାଲିଥିବା କ୍ରିକେଟ୍ ପ୍ରତିଯୋଗିତାରେ ରାଇଜିଂ ଷ୍ଟାର ଦଳ ଫାଇନାଲରେ ଖାମ୍ବାଗୁଡା ଦଳକୁ ପରାସ୍ତ କରି ଚାମ୍ପିଅନ୍ ହୋଇଛି। ଖାମ୍ବାଗୁଡା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ବିନିମୟରେ ମୋଟ ୮୬ ରନ କରିଥିଲେ। ଦଳ ପକ୍ଷରୁ ଚିଣ୍ଟୁ ୨୭ ରନ କରିଥିବା ବେଳେ ରାଇଜିଂ ଷ୍ଟାର ଦଳର ବୋଲର ସୁଶାନ୍ତ ୩ ଟି ଉଇକେଟ ଅକ୍ତିଆର କରିଥିଲା। ୮୭ ରନର ବିଜୟ ଲକ୍ଷ୍ୟ ରଖି ବ୍ୟାଟିଂ କରି ଏକ ଉଇକେଟ ବିନିମୟରେ ବିଜୟ ପାଇଁ ଆବଶ୍ୟକ ୮୭ ରନ ସଂଗ୍ରହ କରି ବିଜୟ ହାସଲ କରିଥିଲେ। ଦଳ ପକ୍ଷରୁ ବ୍ୟାଟସ ମ୍ୟାନ ସାଗର ୫୫ ରନ କରିଥିଲେ। ଆଜି ସକାଳେ ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଖାମ୍ବାଗୁଡା ଦଳ ମିଣିଙ୍ଗ ଦଳକୁ ପରାସ୍ତ କରି ଫାଇନାଲକୁ ଉନ୍ନୀତ ହୋଇଥିଲେ। ଖାମ୍ବାଗୁଡା ଦଳ ପ୍ରଥମେ ବ୍ୟାଟିଂ କରି ୮ ଉଇକେଟ ବିନିମୟରେ ୧୦୮ ରନ କରିଥିଲେ। ଦଳ ପକ୍ଷରୁ ପ୍ରଧାନ ୪୬ ରନ କରିଥିବା ବେଳେ ମିଣିଙ୍ଗ ଦଳର ବୋଲର ଦିଲ୍ଲୀପ ୩ ଟି ଉଇକେଟ ଅକ୍ତିଆର କରିଥିଲେ। ୧୦୯ ରନ ବିଜୟ ଲକ୍ଷ୍ୟ ରଖି ବ୍ୟାଟିଂ ଆରମ୍ଭ କରିଥିବା ମିଣିଙ୍ଗ ଦଳ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ୧୦୬ ରନ କରିବାକୁ ସକ୍ଷମ ହୋଇ ମାତ୍ର ୨ ରନ ବ୍ୟବଧାନରେ ପରାଜୟ ବରଣ କରିଥିଲେ। ଦଳ ପକ୍ଷରୁ କାଣ୍ଟିଆ ୩୪ ରନ କରିଥିବା ବେଳେ ଖାମ୍ବାଗୁଡା ବୋଲର ସନ୍ତୋଷ ଦୁଇଟି ଉଇକେଟ ଅକ୍ତିଆର କରିଥିଲେ। ଆଜିର ଖେଳ ଗୁଡିକୁ ରଞ୍ଜନ ଜେନା ଓ ହରିବନ୍ଧୁ ଶବର ପରିଚାଳନା କରିଥିବା ବେଳେ ଉଦିତ ଶବର ସ୍କୋରର ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟ ଅତିଥି ରୂପେ ଚଇତି ଉତ୍ସବକମିଟି ଅଧ୍ୟକ୍ଷ ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦୀଲିପ ,ସମ୍ମାନିତ ଅତିଥି ରୂପେ ଗୁଣପୁର ସୋସିଆଲ ସର୍ଭିସ ଏଣ୍ଡ ସ୍ପୋର୍ଟିଙ୍ଗ କ୍ଲବ ସଭାପତି ତଥା ଗାନ୍ଧୀ ବିଶ୍ୱ ବିଦ୍ୟାଳୟର ଉପ ସଭାପତି ଡ଼ଃ ଚନ୍ଦ୍ରଧ୍ୱଜ ପଣ୍ଡା ଓ ଚଇତି କ୍ରୀଡା କମିଟିର ଅଧ୍ୟକ୍ଷ ତଥା ବିଡ଼ିଓ ସ୍ୱସ୍ତିକ ଜମାଦାର ,ଏକ୍ସିସ ବ୍ୟାଙ୍କ ପରିଚାଳକ ଦିଲ୍ଲୀପ ପଣ୍ଡା ଯୋଗଦେଇ ଖେଳାଳି ମାନଙ୍କୁ ଶୁଭେଚ୍ଛା ଜଣାଇ ଉତ୍ସାହିତ କରିଥିଲେ। କ୍ରିକେଟ ପ୍ରତିଯୋଗିତାକୁ ଗୁଣପୁର ଏକ୍ସିସ ବ୍ୟାଙ୍କ ପ୍ରଯୋଜନା କରିଥିବା ବେଳେ କ୍ରୀଡା କମିଟି ସଦସ୍ୟ କିରଣ କୁମାର ପାଣିଗ୍ରାହୀ, ସପନ ଦାଶ ଓ ରବୀନ୍ଦ୍ର କୁମାର ପଣ୍ଡା ପରିଚାଳନା କରିଥିଲେ।

